# NATIONAL NEWS BULLETIN (ODIA)

**22 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସମସ୍ତଙ୍କ ପ୍ରଚେଷ୍ଟା ଦ୍ୱାରା ହିଁ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ, କହିଲେ ରାଷ୍ଟ୍ରପତି

- ଜୋହାନ୍ସବର୍ଗରେ ଆଜିଠାରୁ ଆରମ୍ଭ ହେଉଥିବା ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ

- ୪ଟି ନୂଆ ଶ୍ରମ ସଂହିତାକୁ ସ୍ୱାଗତ କଲେ ବିଭିନ୍ନ ଶିଳ୍ପ ସଂଘ

- ପାକିସ୍ତାନର ଏକ କାରଖାନାରେ ବିସ୍ଫୋରଣ ଘଟି ୨୦ ମୃତ, ୭ ଆହତ

ଏବଂ

- ଗୌହାଟୀରେ ଆରମ୍ଭ ହୋଇଥିବା ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଜାରି

## ପ୍ରେଜ୍-ଆନ୍ଧ୍ରପ୍ରଦେଶ

ଦେଶର ନାଗରିକମାନଙ୍କ ଜୀବନଧାରଣର ମାନ ଉନ୍ନତ କରିବା ଲାଗି ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଦେଶର ବିକାଶ କ୍ଷେତ୍ରରେ ଲୋକମାନଙ୍କର ଦକ୍ଷତା ଓ ଦୃଢ଼ତା ନିତାନ୍ତ ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି । ଆଜି ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ଜନ୍ମଶତବାର୍ଷିକୀ ଅବସରରେ ପୁଟ୍ଟପର୍ତ୍ତୀର

ପ୍ରଶାନ୍ତିନିଳୟମରେ ଏକ ସ୍ୱତନ୍ତ୍ର ଅଧିବେଶନକୁ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ସାଇ କୁଲଓ୍ୱନ୍ତ ହଲ୍‌ରେ ଶ୍ରୀ ସତ୍ୟସାଇବାବାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

**V/O (Prez)**

ଦେଶର ବିକାଶ କ୍ଷେତ୍ରରେ ସାମୂହିକ ଯୋଗଦାନର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇ ରାଷ୍ଟ୍ରପତି କହିଛନ୍ତି, ଆଧ୍ୟାତ୍ମିକ ସଂସ୍ଥାନ, ଏନ୍‌ଜିଓ, ବେସରକାରୀ କ୍ଷେତ୍ର ଏବଂ ନାଗରିକମାନଙ୍କର ଦେଶ ଗଠନରେ ଭୂମିକା ରହିଛି । ସେ କହିଛନ୍ତି ସମସ୍ତଙ୍କ ପ୍ରଚେଷ୍ଟା ଦ୍ୱାରା ହିଁ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ ।

---

# ପିଏମ୍-ଜି-୨୦ ସମିଟ୍

ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆରମ୍ଭ ହେଉଥିବା ଜି-୨୦ ଶିଖର ସମ୍ମିଳନୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ ।ଏହି ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି 'ସଂହତି, ସମାନତା ଓ ସ୍ଥିରତା' । ପ୍ରଥମଥର ଲାଗି ଦକ୍ଷିଣ ଆଫ୍ରିକା ଅଧ୍ୟକ୍ଷତାରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ସ୍ଥାୟୀ ବିକାଶ, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଶାସନରେ ସଂସ୍କାର ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

ଜି-୨୦ ଶିଖର ସମ୍ମିଳନୀର ଟିକିନିଖି ଖବର ଜଣାଇବା ଲାଗି ଆମ ସମ୍ବାଦଦାତା ସେଠାରେ ଉପସ୍ଥିତ ଅଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଶିଖର ସମ୍ମିଳନୀରେ ଅନ୍ତର୍ଭୁକ୍ତିମୂଳକ ଓ ସମାବେଶୀ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଧ୍ୟାନ

କେନ୍ଦ୍ରିତ କରିବେ ବୋଲି ଜଣାପଡ଼ିଛି । ବିଶ୍ୱ ଅର୍ଥନୈତିକ ସ୍ଥିରତାକୁ ଆକାର ଦେବା ଦିଗରେ ଜି-୨୦ର ପ୍ରମୁଖ ଭୂମିକା ରହିଛି ।

ଏହି ଶିଖର ସମ୍ମିଳନୀରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା, ନିମ୍ନ ଆୟକାରୀ ଦେଶ ପାଇଁ ଋଣ ବ୍ୟବସ୍ଥା, ଶକ୍ତି କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନ ଲାଗି ଆର୍ଥିକ ସଂରଚନା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ସମାବେଶୀ ବିକାଶ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ ।

ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଆଜି ଉଦ୍‌ଘାଟନୀ ଅଧିବେଶନରେ ସମାବେଶୀ ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଉପରେ ଆଲୋଚନା ହେବ ।

ସୂଚନା ଯୋଗ୍ୟ ଜି-୨୦ ସ୍ଥାପନ ସମୟରେ ୧୯ଟି ଦେଶ ଏବଂ ୟୁରୋପୀୟ ସଂଘ ସାମିଲ ରହିଥିବା ବେଳେ ୨୦୨୩ରେ ଭାରତର ଅଧ୍ୟକ୍ଷତାରେ ଆଫ୍ରିକୀୟ ସଂଘକୁ ସ୍ଥାୟୀ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା । ୨୦୨୨ ଡିସେମ୍ବରରୁ ୨୦୨୩ ନଭେମ୍ବର ମାସ ପର୍ଯ୍ୟନ୍ତ ଭାରତର ଅଧ୍ୟକ୍ଷତାରେ ୬୦ଟି ସହରରେ ୨୦୦ରୁ ଅଧିକ ବୈଠକ ଆୟୋଜନ ହୋଇଥିଲା ଏବଂ ସମସ୍ତ ୨୮ଟି ଯାକ ରାଜ୍ୟ ଓ ୮ଟି କେନ୍ଦ୍ର ଶାସିତ ଅଞ୍ଚଳ ଏଥିରେ ପ୍ରତିନିଧିତ୍ୱ କରିଥିଲେ । ଭାରତ ଅଧ୍ୟକ୍ଷତାରେ ଜି-୨୦ ସମ୍ମିଳନୀରେ 'ବସୁଧୈବ କୁଟୁମ୍ବକମ୍'– 'ଗୋଟିଏ ପୃଥିବୀ ଗୋଟିଏ ପରିବାର- ଗୋଟିଏ ଭବିଷ୍ୟତ'ର ବାର୍ତ୍ତା ପ୍ରଚାର କରାଯାଇଥିଲା ।

## ଇଣ୍ଡଷ୍ଟ୍ରୀ ବଡି-ଲେବର କୋଡ୍‌ସ

ଦେଶରେ ଗତକାଲିଠାରୁ ଲାଗୁ ହୋଇଥିବା ୪ଟି ନୂଆ ଶ୍ରମ ସଂହିତାକୁ ଶିଳ୍ପ ସଂଘ ସ୍ୱାଗତ କରିଛି । ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା

ଏବଂ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟି ଦିଗରେ ଏହି ପଦକ୍ଷେପକୁ ଦେଶର ଶିଳ୍ପ ସଂଘ ଏକ ମାଇଲ୍ ଖୁଣ୍ଟ ବୋଲି ବର୍ଣ୍ଣନା କରିଛି ।

ଗତକାଲି ଲାଗୁ ହୋଇଥିବା ୪ଟି ସଂହିତା ହେଉଛି– ମଜୁରୀ ସଂହିତା ୨୦୧୯, ଔଦ୍ୟୋଗିକ ସଂପର୍କିତ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବ୍ୟବସାୟିକ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟାବସ୍ଥା ସଂହିତା ୨୦୨୦ । କେନ୍ଦ୍ର ସରକାର ପୁରାତନ ଶ୍ରମ ଆଇନଗୁଡ଼ିକୁ ଅଧିକ ସରଳ ଓ ସୁସଂହତ କରି ଏହି ୪ଟି ସଂହିତା ଲାଗୁ କରିଛନ୍ତି । ଏହାଦ୍ୱାରା ଶ୍ରମ ଆଇନର ଆଧୁନିକୀକରଣ ହେବା ସହ ଏଥିରେ ସଂସ୍କାର ଅଣାଯାଇ ପାରିଛି । ଯାହାଫଳରେ ନ୍ୟାୟୋଚିତ ମଜୁରୀ ପ୍ରଦାନ ସହ ପ୍ରତ୍ୟେକ କ୍ଷେତ୍ରରେ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଇ ପାରିବ ।

ଦେଶର ଶିଳ୍ପ ନେତୃତ୍ୱମାନେ ଏହି ସଂହିତାଗୁଡ଼ିକୁ ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ବର୍ଣ୍ଣନା କରି ଆଧୁନିକ ଅର୍ଥନୀତି ପାଇଁ ଏହା ଜରୁରୀ ଥିଲା ବୋଲି କହିଛନ୍ତି ।

ଭାରତୀୟ ମଜଦୁର ସଂଘ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛି । ସଂଘର ଜାତୀୟ ସଚିବ ଗିରିଶ ଆର୍ଯ୍ୟ କହିଛନ୍ତି, ସ୍ୱାଧୀନତା ପରଠାରୁ ଶ୍ରମ ଆଇନ କ୍ଷେତ୍ରରେ ଏହା ବଳିଷ୍ଠ ପଦକ୍ଷେପ ।

**V/O (Girish Arya)**

ଭାରତୀୟ ଟ୍ରେଡ୍ ମହାସଂଘର ଜାତୀୟ ଅଧ୍ୟକ୍ଷ ଡକ୍ଟର ଦୀପକ ଜୟସ୍ୱାଲ କହିଛନ୍ତି, ଦେଶର ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା

୫୦ କୋଟିରୁ ଅଧିକ ଶ୍ରମିକ ଏବେ ନ୍ୟୂନତମ ମଜୁରୀ ପାଇବା ସହ ମହିଳାମାନେ ସମାନ ଦରମା ଓ ସୁଯୋଗ ପାଇପାରିବେ ।

**V/O (Deepak Jayaswal)**

ସରକାରଙ୍କ ଏହି ପଦକ୍ଷେପକୁ ଭାରତୀୟ ପ୍ରଯୁକ୍ତି ଶିଳ୍ପ ନାସ୍କମ୍ ସ୍ୱାଗତ କରିଛି । ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଓ ନିରାପତ୍ତା ଏଣିକି ନିଶ୍ଚିତ ହୋଇପାରିବ ବୋଲି ନାସ୍କମ୍ କହିଛି । ଅନ୍ୟପକ୍ଷରେ ଆନ୍ତର୍ଜାତିକ ସାମାଜିକ ସୁରକ୍ଷା ସଂଗଠନ ପକ୍ଷରୁ ୪ଟି ନୂଆ ଶ୍ରମ ସଂହିତାକୁ ସ୍ୱାଗତ କରାଯିବା ସହ ବିଶ୍ୱସ୍ତରରେ ଏହା ପ୍ରଭାବ ପକାଇବ ବୋଲି କୁହାଯାଇଛି ।

---

# ରାଜନାଥ-ୟୁଏନ

ବିଶ୍ୱରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ସମାଧାନ ଲାଗି ଆଜିର ନୂତନ ବିଶ୍ୱ ନୂଆ ଜାତିସଂଘ ଆବଶ୍ୟକ କରୁଥିବା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ଗତକାଲି ଲକ୍ଷ୍ନୌରେ ବିଶ୍ୱର ପ୍ରଧାନବିଚାରପତିମାନଙ୍କ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ସିଂ କହିଛନ୍ତି, ଜାତିସଂଘ ଇସ୍ରାଏଲ୍- ହମାସ, ୟୁକ୍ରେନ୍-ରୁଷ ଏବଂ ସୁଦାନରେ ଦେଖାଦେଇଥିବା ମାନବୀୟ ସମସ୍ୟାଗୁଡ଼ିକ କ୍ଷେତ୍ରରେ ଦୃଢ଼ ଭୂମିକା ଗ୍ରହଣ କରିପାରିବ ।

ଶ୍ରୀ ସିଂ କହିଛନ୍ତି ଏ ସବୁ ସମସ୍ୟାର ସମାଧାନ ଦିଗରେ ଜାତିସଂଘକୁ ଆହୁରି ଦୃଢ଼ ଭାବେ ନିଜର ଭୂମିକା ନିର୍ବାହ କରି ନିଜର କର୍ତ୍ତୃତ୍ୱ ଜାହିର କରିବାର ଆବଶ୍ୟକତା ରହିଛି । ଜାତିସଂଘରେ ସମସ୍ତ ଦେଶର ସନ୍ତୁଳିତ ପ୍ରତିନିଧିତ୍ୱର ଆବଶ୍ୟକତା ସଂପର୍କରେ ଶ୍ରୀ ସିଂ କହିଛନ୍ତି, ଏହି ଆନ୍ତର୍ଜାତିକ ସଂସ୍ଥାକୁ ସକ୍ରିୟ ରଖିବା ଲାଗି ଏହା ଜରୁରୀ । ସେ କହିଛନ୍ତି, ପରିସ୍ଥିତି

ସେତିକିବେଳେ ପରିବର୍ତ୍ତନ ହୋଇପାରିବ, ଯେତେବେଳେ ଜାତିସଂଘ ତା'ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିବ ।

**V/O (Rajnath-UN)**

ଶ୍ରୀ ସିଂ କହିଛନ୍ତି, ଭାରତ ସବୁବେଳେ ଆନ୍ତର୍ଜାତିକ ନିୟମ ଅନୁପାଳନ କରିଆସୁଛି ଏବଂ ବିଶ୍ୱର ଯେକୌଣସି ଭାଗରେ  ଆବଶ୍ୟକତା ସମୟରେ ସହାୟତା ଯୋଗାଇ ଦେଉଛି । ସେ କହିଛନ୍ତି, ଏ ଦିଗରେ ଭାରତର ନୀତି ସ୍ପଷ୍ଟ । ନ୍ୟାୟ କେବଳ ଏକ ଆଇନ ନୁହେଁ- ଏକ ଧର୍ମ, ଶାନ୍ତି- କେବଳ ଏକ  ନିୟମ ନୁହେଁ- ଏକ ପରମ୍ପରା ଏବଂ ବିଶ୍ୱ ଶାନ୍ତି କେବଳ କୂଟନୀତି ନୁହେଁ, ବରଂ ଏକ ସଂସ୍କୃତି ।

---

# ପାକ୍-ବ୍ଲାଷ୍ଟ୍

ପାକିସ୍ତାନର ଫୈସଲାବାଦସ୍ଥିତ ଏକ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ୨୦ ଜଣଙ୍କର ମୃତ୍ୟୁ ଘଟିଛି । ଏହି ବିସ୍ଫୋରଣରେ ୭ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ପାକିସ୍ତାନର ସବାବ୍ ସହର କବାଡ଼ି ଷ୍ଟାଡିୟମ ପଡ଼ିଆ ନିକଟବର୍ତ୍ତୀ ଏକ କାରଖାନାରେ ଏହି ବିସ୍ଫୋରଣ ଘଟିଥିଲା ଏବଂ ବହୁ ଦୂର ପର୍ଯ୍ୟନ୍ତ ଏହାର ଶବ୍ଦ ଶୁଣାଯାଇଥିଲା । ସେଠାକାର ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମୃତକ ଓ ଆହତମାନଙ୍କୁ ଉଦ୍ଧାର କରିବା ଲାଗି ୩୧ଟି ଉଦ୍ଧାରକାରୀ ଯାନ ମୁତୟନ କରାଯାଇଥିଲା ।

---

# ୟୁଏନ୍-ଜି-୨୦

ଜାତିସଂଘ ସଚିବ ଆଣ୍ଟୋନିଓ ଗୁଟେରସ୍ ଜି-୨୦ ରାଷ୍ଟ୍ରଗୁଡ଼ିକୁ ବିଶ୍ୱର ସମସ୍ୟା ଲାଘବ କରିବା ଲାଗି ଶକ୍ତି ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ଜି-୨୦ ରାଷ୍ଟ୍ରଗୁଡ଼ିକ ବିଶ୍ୱକୁ ଅଧିକ ଶାନ୍ତିପୂର୍ଣ୍ଣ କରିବା କ୍ଷେତ୍ରରେ

ଅନେକ ସମ୍ଭାବନା ରହିଛି । ଜି-୨୦ ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଜୋହାନ୍ସବର୍ଗରେ ପହଞ୍ଚିବା ପରେ ସମ୍ବାଦଦାତାମାନଙ୍କୁ ଶ୍ରୀ ଗୁଟେରସ୍ କହିଛନ୍ତି, ସେ ଜି-୨୦ ସଦସ୍ୟ ଦେଶମାନଙ୍କୁ ବିଶ୍ୱସମସ୍ୟାର ସମାଧାନ ଦିଗରେ ଅଧିକ କ୍ରିୟାଶୀଳ ହେବାକୁ ଆହ୍ୱାନ ଦେବେ । ସେ କହିଛନ୍ତି, ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକରେ ଆଫ୍ରିକାର ପ୍ରତିନିଧିତ୍ୱ କମ୍ ରହିଛି । ତେଣୁ ଏହା ବୃଦ୍ଧି ପାଇବା ଆବଶ୍ୟକ ବୋଲି ଶ୍ରୀ ଗୁଟେରସ୍ କହିଛନ୍ତି ।

---

## ରୁଷ-ୟୁକ୍ରେନ ପିସ୍ ପ୍ଲାନ୍

ୟୁକ୍ରେନ୍ ଯଦି ଆମେରିକୀୟ ଶାନ୍ତି ଯୋଜନା ପ୍ରତ୍ୟାଖ୍ୟାନ କରେ ତେବେ ରୁଷ ସେନା ଆଗକୁ ବଢ଼ିବେ ବୋଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ସତର୍କ କରାଇ ଦେଇଛନ୍ତି । ରୁଷ୍ ସୁରକ୍ଷା ପରିଷଦର ବରିଷ୍ଠ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ପୁତିନ କହିଛନ୍ତି, ଏହି ଶାନ୍ତି ଚୁକ୍ତି ନିର୍ଣ୍ଣାୟକ ଅଟେ । ସେ କହିଛନ୍ତି, ଶାନ୍ତିଚୁକ୍ତିରେ ଥିବା ୨୮ଟି ବିଷୟ ଉପରେ ଆମେରିକା ପକ୍ଷରୁ ସୂଚନା ମିଳିଥିଲେ ମଧ୍ୟ ଆମେରିକା ସହ ଏ ନେଇ ଆଲୋଚନା ହୋଇନାହିଁ । ସେ କହିଛନ୍ତି,ୟୁକ୍ରେନ୍ ଏହି ଶାନ୍ତି ଚୁକ୍ତିକୁ ବିରୋଧ କରୁଥିବାରୁ ଆବଶ୍ୟକ ପଡ଼ିଲେ ରୁଷ୍ ସେନା ପୁଣି ୟୁକ୍ରେନ୍ ଆଡ଼କୁ ଅଗ୍ରସର ହେବେ ଏବଂ ଶାନ୍ତି ସ୍ଥାପନ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ।

ଅନ୍ୟପକ୍ଷରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦମୀର ଜେଲେନ୍ସ୍କି ଚେତାବନୀ ଦେଇଛନ୍ତି, ୟୁକ୍ରେନ୍ ତା'ର ମର୍ଯ୍ୟାଦା ରକ୍ଷା କରିବା ଲାଗି ଉଦ୍ୟମ କରିବ ।

---

# କ୍ରିକେଟ୍

ଗୌହାଟୀର ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମରେ ଆଜି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍ ଜାରି ରହିଛି । ଦକ୍ଷିଣ ଆଫ୍ରିକା ଟସ୍ ଜିତି ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଦକ୍ଷିଣ ଆଫ୍ରିକା ୫୫ ଓଭର୍‌ରେ ୨ ୱିକେଟ୍ ହରାଇ ୧୫୬ ରନ୍ ସ୍କୋର କରିଛି ।

ଆଜିର ମ୍ୟାଚ୍‌ରେ ରିଷଭ ପନ୍ଥ ଭାରତ ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି । ପ୍ରଥମ ଟେଷ୍ଟ୍‌ମ୍ୟାଚ୍‌ରେ ବେକାର ଆଘାତ ଲାଗିବାରୁ ଅଧିନାୟକ ଶୁବମ୍‌ନ୍ ଗିଲ୍ ଆହତ ହୋଇଥିଲେ । ପ୍ରଥମ ଟେଷ୍ଟମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ଭାରତକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

---